**ଡ୍ରାଇଭିଂ ଟେଷ୍ଟବେଳେ ଦୁର୍ଘଟଣା, ବର୍ତ୍ତିଲେ ଅଧିକାରୀ**

ଭୁବନେଶ୍ୱର,(ବ୍ୟୁରୋ)- ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଟେଷ୍ଟ ଗ୍ରାଉଣ୍ଡରେ ଶନିବାର ଦୁର୍ଘଟଣା ଘଟିଛି। ଟେଷ୍ଟ ଦେଉଥିବା ଜଣେ ବ୍ୟକ୍ତି ବ୍ରେକ ବଦଳରେ ଆକ୍ସିଲେଟର ଦବାଇବାରୁ ଗାଡ଼ିଟି ଟେଷ୍ଟିଂ କ୍ୟାମ୍ପ ଲୁହା ଖୁମ୍ବକୁ ଧକ୍କା ଦେବାରୁ ତାହା ଭୁଶୁଡ଼ି ପଡ଼ିଥିଲା। ସେଠାରେ ୪ ଜଣ ଆରଟିଓ ଅଧିକାରୀ ଥିଲେ ମଧ କାହାର କିଛି କ୍ଷତି ଘଟିନି। ତେବେ ଦୁର୍ଘଟଣାରେ ଗାଡ଼ିର ସାମ୍ନା ପଟ କ୍ଷତିଗ୍ରସ୍ତ ହୋଇଛି। ଏନେଇ ଆରଟିଓ କର୍ମଚାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କମନ ଫାସିଲିଟି ସେଣ୍ଟର ଫାର୍ମାସ୍ୟୁଟିକାଲ କ୍ଲଷ୍ଟର ଉଦ୍‌ଘାଟନ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଡି-୨/୧୮, ସକାଳ ୯ଟା।
- ଅଭିଭକ୍ତି ଟ୍ରଷ୍ଟ ପକ୍ଷରୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉତ୍ସବ, ଡିଏଭି ସ୍କୁଲ, ଚନ୍ଦ୍ରଶେଖରପୁର, ସକାଳ ୯ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ସିନିୟର ସିଟିଜେନ ଆୱାର୍ଡ କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୪୫।
- ତପସ୍ୟା ଫାଉଣ୍ଡେଶନର ବାର୍ଷିକ ସାରସ୍ୱତ ସମାରୋହ, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପ୍ରେକ୍ଷାଳୟ, କ୍ରାଉନ ହୋଟେଲ ନିକଟ, ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଭଜନ ପରିବେଷଣ, ବିଷ୍ଣୁ ମନ୍ଦିର, ଶହୀଦ ନଗର, ସନ୍ଧ୍ୟା ୬ଟା।
- ମହିଳା ସଶକ୍ତୀକରଣ କନକ୍ଲେଭ, ଇଉକଲ ଅଡିଟୋରିୟମ, ସନ୍ଧ୍ୟା ୬ଟା ୩୦।
- ନୃତ୍ୟାର୍ଚ୍ଚନା ପକ୍ଷରୁ ଗୁରୁ ଦେବୀପ୍ରସାଦ ଦାସ ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ସୁଷମା ସଙ୍ଗୀତ ସଦନ ପକ୍ଷରୁ ୧୫ତମ ଗୁରୁ ପ୍ରଣାମ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ପଞ୍ଚବଟୀ ଦୋଳ ମେଳନ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ, ଶ୍ରୀ ବଟେଶ୍ୱର ମହାଦେବ ମନ୍ଦିର, ପଞ୍ଚବଟୀ, ପୂର୍ବାହ୍ନ ୧୧ଟା।
- ଜୟକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖ ଖେଳପଡ଼ିଆ, ପାଣ୍ଡରା, ଅପରାହ୍ନ ୪ଟା।

## ସଂକ୍ଷେପରେ

### ଧାର ଟଙ୍କା ନ ଶୁଝି ଥାନା ଆଗରେ ମାଡ଼, ମହିଳା ଅଟକ

ଭୁବନେଶ୍ୱର, ୬।୩(ବ୍ୟୁରୋ): ପୁଅର ସ୍ୱାସ୍ଥ୍ୟ ଖରାପ ଥିବାରୁ ୩ ଥରରେ ୭୦ ହଜାର ଟଙ୍କା ଧାର ନେଲେ। କିନ୍ତୁ ତାହାକୁ ନ ଶୁଝି ଓଲଟା ଜଣେ ବ୍ୟକ୍ତିଙ୍କୁ ଘୋଷାରି ଘୋଷାରି ମାଡ଼ ମାରିଲେ। ଶନିବାର ଦିନ ଦ୍ୱିପ୍ରହରରେ ବଡଗଡ ଥାନା ସମ୍ମୁଖରେ ଏପରି ଘଟଣା ଘଟିଛି। ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କ ସ୍ତ୍ରୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କେନ୍ଦ୍ରାପଡା ଜିଲା ରାଧାନଗର ଗ୍ରାମର ସୁଧାକର କବି ବଡଗଡ ଅଞ୍ଚଳରେ ରୁହନ୍ତି। ତାଙ୍କ ଘର ସାମ୍ନାରେ ପୁରୀ ଜିଲା ବୀରହରେକୃଷ୍ଣପୁରର ଜଗନ୍ନାଥ ବେହେରା ରହୁଥିଲେ। ଜଗନ୍ନାଥ ସୁଧାକରଙ୍କଠାରୁ ୭୦ ହଜାର ଟଙ୍କା ଧାର ନେଇ ଘର ଛାଡ଼ିବା ସହ ଟଙ୍କା ଫେରାଇ ନ ଥିଲେ। ଏନେଇ ଶନିବାର ସୁଧାକର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ପୋଲିସ ଜଗନ୍ନାଥ ଓ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଡକାଇଥିଲା। ଜଗନ୍ନାଥ କୋର୍ଟରେ ଚୁକ୍ତିନାମା ଲେଖିଦେବେ କହି ଥାନାରୁ ବାହାରିଯିବାର ମାତ୍ର ୨୦ ମିଟର ଦୂରରେ ସେ ସୁଧାକରଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ।

### ପ୍ରିଣ୍ଟିଂ ପ୍ରେସ୍‌ରେ ପୋଲିସ ଚଢ଼ାଉ

**କ୍ରେନ୍ ଲଗାଇ ୨ କାର୍ ଉଠାଇନେଲା**

ଭୁବନେଶ୍ୱର,୬।୩(ବ୍ୟୁରୋ) - କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ପ୍ରିଣ୍ଟିଂ ପ୍ରେସ୍‌ରେ ପୋଲିସ ଚଢ଼ାଉ କରି ବଳପୂର୍ବକ ରଖାଯାଇଥିବା ୨ଟି କାରକୁ ଜବତ କରି ଥାନାକୁ ଆଣିଛି। ସୂଚନା ମୁତାବକ, ଦୀପ୍ତିରଞ୍ଜନ ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ଉକ୍ତ କମ୍ପାନୀରେ କାମ କରୁଥିଲେ। ମାତ୍ର ଦରମା ବାବଦକୁ ୫ଲକ୍ଷ ଟଙ୍କା ପାଇବାକୁ ନେଇ ମାଲିକଙ୍କ ସହ ତାଙ୍କର ଝଗଡା ହୋଇଥିଲା। ଫଳରେ ମାଲିକ ତାଙ୍କର ୨ଟି କାରକୁ ବଳପୂର୍ବକ ଉଠାଇ ନେଇଥିଲେ। ଏଥିସହ ମାଡ଼ ମାରି ହତ୍ୟା ଧମକ ଦେଇଥିବା ନେଇ ଦୀପ୍ତି ଥାନାରେ ଅଭିଯୋଗ କରିବା ସହ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ୫୧/୨୧ରେ ମାମଲା ରୁଜୁ କରି ଶନିବାର କାର ନେବାକୁ ସେଠାରେ ପହଞ୍ଚିଥିଲେ ମଧ ସିକ୍ୟୁରିଟି ଗାର୍ଡ ଗେଟ ଖୋଲି ନ ଥିଲେ। ଫଳରେ ପୋଲିସ ଫୋର୍ସ ଲଗାଇ ପାଚେରି ଡେଇଁ ଭିତରକୁ ପଶିବା ପରେ କ୍ରେନ୍‌ରେ ଉକ୍ତ ୨ କାରକୁ ନେଇଥିଲା।

### ବାବା ବେଶରେ ଗଞ୍ଜେଇ ଚାଲାଣ

ଭୁବନେଶ୍ୱର,୬। ୩(ବ୍ୟୁରୋ)- ବାବା ବେଶରେ ବସ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଅଭିଯୁକ୍ତଙ୍କୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଭରତପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ଅଞ୍ଚଳର ବିନୋଦ ପ୍ରଧାନ। ତାଙ୍କ ନିକଟରୁ ପୋଲିସ ୩ କେଜି ଗଞ୍ଜେଇ ଜବତ କରିଛି।

# ବଢୁଛି ମହିଳା ବିରୋଧୀ ହିଂସା

ଭୁବନେଶ୍ୱର,୬।୩ (ବ୍ୟୁରୋ):

ନାରୀ କାଲି ବି ଶୋଷଣର ଶିକାର ହେଉଥିଲା, ଆଜି ମଧ ନାନା ନିର୍ଯାତନା ସହୁଛି। ଦେଶରେ ସାକ୍ଷରତା ହାର ବଢ଼ିଛି, ସମାଜ ପୂର୍ବ ଅପେକ୍ଷା ପରିବର୍ତ୍ତନ ହୋଇଛି। ନାରୀମାନଙ୍କୁ ଅନେକ କ୍ଷେତ୍ରରେ ସୁଯୋଗ ବି ମିଳୁଛି। ହେଲେ ମହିଳାଙ୍କ ବିରୋଧରେ ହିଂସା କମିବା ବଦଳରେ ବଢି ବଢି ଚାଲିଛି। କିଛି କ୍ଷେତ୍ରରେ ମହିଳାମାନେ ଆଇନ ସାହାରା ନେଇ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ ଅନେକ କ୍ଷେତ୍ରରେ ନିନ୍ଦା ଓ ଅପବାଦ ଭୟ ହେଉ ଅବା ଚାପରେ ନିଜ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିପାରୁ ନାହିଁ। ଏ କ୍ଷେତ୍ରରେ ଓଡ଼ିଶାର ଚିତ୍ର ଅତ୍ୟନ୍ତ ସ୍ପର୍ଶକାତର ହେବାରେ ଲାଗିଛି। ରାଜ୍ୟରେ ମହିଳା ବିରୋଧୀ ହିଂସା ବଢ଼ି ଚାଲିଛି।

ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଓଡିଶାରେ ୨୦୧୭ରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ୨୦,୦୯୮ ଥିଲା। ୨୦୧୮ରେ ୨୦,୨୭୪ରେ ପହଞ୍ଚିଥିବାବେଳେ ୨୦୧୯ରେ ମହିଳା ବିରୋଧୀ ହିଂସା ମାମଲାରେ ଆହୁରି ବୃଦ୍ଧି ଘଟି ୨୩,୧୮୩ରେ ପହଞ୍ଚିଥିଲା। ୨୦୨୦ର ରିପୋର୍ଟ ଆସି ନ ଥିବାବେଳେ କରୋନା ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ମହିଳାଙ୍କ ପ୍ରତି ଘରୋଇ ହିଂସା ବୃଦ୍ଧି ଘଟିଥିବା ନଜରକୁ ଆସିଥିଲା। ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଓଡିଶା ଦେଶରେ ସପ୍ତମ ସ୍ଥାନରେ ରହିଛି। ଏହା ମଧ୍ୟରେ ଅସଦାଚରଣ, ଅପହରଣ, ବଳାତ୍କାର, ପାରିବାରିକ ହିଂସା ଓ ଯୌତୁକ ଜନିତ ଅପରାଧ ଅଧିକ ରହିଛି। ଏହାଛଡା ପୂର୍ବବର୍ଷଗୁଡ଼ିକ ଅପେକ୍ଷା ରାଜ୍ୟରେ ମହିଳା ଓ ଯୁବତୀଙ୍କ ଅପହରଣ ସଂଖ୍ୟାରେ ମଧ ବୃଦ୍ଧି ଘଟିଛି।

## ପରିତ୍ୟକ୍ତ ଅବସ୍ଥାରେ ଅଭିଯୋଗ କିଓସ୍କ



କୌଣସି ହିଂସା ବିରୋଧରେ ଅଧିକାଂଶ ମହିଳା ଅଭିଯୋଗ କରିବାକୁ ଭୟ କରିଥାନ୍ତି। ଏଥିସହ ସେମାନଙ୍କ ଜୀବନ ପ୍ରତି ମଧ ବିପଦ ଥିବାରୁ ଅଭିଯୋଗ ଥାନା କିମ୍ବା ପୋଲିସ ନିକଟରେ ପହଞ୍ଚିପାରି ନ ଥାଏ। ଏଭଳି ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଇନ୍‌ଷ୍ଟାଣ୍ଟ କମ୍ପ୍ଲେଣ୍ଟ ଲଗିଂ ଇଣ୍ଟରନେଟ୍ କିଓସ୍କ(ଆଇଏଲ୍‌ଆଇକେ) ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ୨୦୧୪ ଜାନୁୟାରୀ ୨୯ରେ ପ୍ରଥମେ ଶହୀଦନଗରସ୍ଥିତ ବ୍ୟାଙ୍କ୍ ଅଫ ବରୋଦା ଏଟିଏମ୍ କାଉଣ୍ଟର ପରିସରରେ ଏହି ମେଶିନ ସ୍ଥାପନ କରାଯାଇଥିଲା। ଏଥିରେ ଜଣେ ମହିଳା ଚାହିଁଲେ ଇ-ମେଲ୍, ଭଏସ୍ ମେଲ୍ କିମ୍ବା କୌଣସି କାଗଜରେ ଲେଖି ଏଠାରେ ଅଭିଯୋଗ କରିପାରିବେ। ଏହି ମେଶିନଟି ଇଣ୍ଟରନେଟ୍ ମାଧ୍ୟମରେ ପୋଲିସ କଣ୍ଟ୍ରୋଲ ରୁମ୍ ସହ ଯୋଡି ହୋଇ ରହିଥିଲା। କୌଣସି ଅଭିଯୋଗ ହେବାମାତ୍ରେ ତାହା ସିଧା ପୋଲିସ କଣ୍ଟ୍ରୋଲ ରୁମ୍‌କୁ ସୂଚନା ଦେଉଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା, ଯଦି କେହି ବଳାତ୍କାର କିମ୍ବା ପାରିବାରିକ ହିଂସା ଅବା ଅସଦାଚରଣର ଶିକାର ହୋଇ ପୋଲିସ ପାଖକୁ ଯାଇପାରୁନାହାନ୍ତି ସେମାନଙ୍କ ପାଇଁ ଏହା ବେଶ୍ ସହାୟକ ହେଉଥିଲା। ସେମାନଙ୍କ ନାମ ଗୋପନ ରଖାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବାର ସୁଯୋଗ ଥିଲା। ଏହା ଦେଶର ପ୍ରଥମ ବୋଲି ସେତେବେଳେ ପୋଲିସ ପକ୍ଷରୁ ଦାବି କରାଯାଇଥିଲା। ହେଲେ ଅଳ୍ପ କିଛିଦିନ ଭିତରେ ଏହା ବ୍ୟବହର ନ ହୋଇ ପଡିରହିଥିଲା। ଏବେ ଏହି ମେଶିନଟି ଅଚଳ ହୋଇ ପରିତ୍ୟକ୍ତ ଅବସ୍ଥାରେ ଉକ୍ତ ଏଟିଏମ ରୁମ୍‌ରେ ଠିଆ ହୋଇଛି।

ଏ ସମ୍ପର୍କରେ ଡିସିପି ଉମାଶଙ୍କର ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳାଙ୍କ କ୍ଷେତ୍ରରେ ପୋଲିସ ପୂର୍ବ ଅପେକ୍ଷା ଅଧିକ ସମ୍ବେଦନଶୀଳ ରହିଛି। ପୀଡିତାଙ୍କ ପ୍ରତି ବନ୍ଧୁତ୍ୱ ଭାବ ପ୍ରଦର୍ଶନ କରାଯାଇ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଅଭ୍ୟର୍ଥନା କକ୍ଷରେ ମହିଳା ପୋଲିସମାନଙ୍କୁ ଦାୟିତ୍ୱ ଦିଆଯାଉଛି। ଡିସିପି ଅଫିସ୍‌ରେ ସାମାଜିକ ସଙ୍ଗଠନ 'ମାଧ୍ୟମ' ଜରିଆରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# ୧୯ ମହିଳାଙ୍କୁ 'ଆର୍ଯ୍ୟା ସମ୍ମାନ'



'ଆର୍ଯ୍ୟା ସମ୍ମାନ' ପ୍ରଦାନ ଉତ୍ସବରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ଭୁବନେଶ୍ୱର, ୬।୩ (ବ୍ୟୁରୋ)

**ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ଜୀବନବ୍ୟାପୀ ସାଧନା ପୁରସ୍କାର'**

ପରିଚୟ ଫାଉଣ୍ଡେଶନ ପକ୍ଷରୁ ଶନିବାର 'ଆର୍ଯ୍ୟା ସମ୍ମାନ' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୧୯ଜଣ ମହିଳାଙ୍କୁ 'ଆର୍ଯ୍ୟା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଥିବାବେଳେ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଡ. ଗାୟତ୍ରୀବାଳା ପଣ୍ଡା, କଳା-ସଂସ୍କୃତି କ୍ଷେତ୍ରରେ ବିଜୟା ଆମୁଗୁରେ, ସମାଜସେବା କ୍ଷେତ୍ରରେ ଗୀତାଞ୍ଜଳି ରାଉତ ଓ ବିଜେତା ରାଣାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଉଦ୍ୟୋଗିକତା କ୍ଷେତ୍ରରେ ତନୟା ପଟ୍ଟନାୟକ, ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ସସ୍ମିତା ଲେଙ୍କା, ଏନ୍‌ଆର୍‌ଓ କ୍ଷେତ୍ରରେ ଗୀତା ଦାସ, ଶିକ୍ଷା ଓ ଗବେଷଣାରେ ଡ. ସୁଚେତା ପ୍ରିୟବାଦିନୀ, ସଙ୍ଗୀତରେ ଲୋପିତା ମିଶ୍ର ଓ ନାଜିଆ ଆଲମ୍, ସ୍ୱତନ୍ତ୍ର ଆବୃତ୍ତି କ୍ଷେତ୍ରରେ ଭାଗ୍ୟଶ୍ରୀ ସାହୁ ଓ ଅମିତା ସିଂହ, କ୍ରୀଡ଼ାରେ ଶ୍ରୀମତୀ ଭୂୟାଁ ଓ ଜୟନ୍ତୀ ବେହେରା, ଚିକିତ୍ସା ବିଜ୍ଞାନରେ ଡ. ଲୋଟସ୍ ମିଶ୍ର, ମନୋରଞ୍ଜନ କ୍ଷେତ୍ରରେ ରିଆ ରେଶ୍ମା ବାରି, ଗଣମାଧ୍ୟମ କ୍ଷେତ୍ରରେ ଜୟନ୍ତୀବାରୁଦ ଏବଂ ସ୍ୱତନ୍ତ୍ର ବିଭାଗରେ ସୁଚରିତା ରଥଙ୍କୁ 'ଆର୍ଯ୍ୟା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାଙ୍କ ନିମନ୍ତେ 'ଆର୍ଯ୍ୟା ପୁରସ୍କାର' ଏକ ଉତ୍କୃଷ୍ଟ ସମ୍ମାନ ବୋଲି ଫାଉଣ୍ଡେଶନର ପ୍ରତିଷ୍ଠାତ୍ରୀ ରୋଜାଲିନ୍ ପାଟଶାଣୀ ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କଥକ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଶୋଭନା ନାରାୟଣ, ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ବିଜେଡି ଉପସଭାପତି ତଥା ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ରାଜ୍ୟ ହାଉସିଂ ବୋର୍ଡ଼ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ୧୮ ମୋବାଇଲ ଫୋନ୍ ଜବତ, ୨ ଗିରଫ

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ଏୟାରପୋର୍ଟ ଥାନା ପୋଲିସ ୨ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ଚନ୍ଦନପୁରର ବାବୁ ବିଶ୍ୱାଳ ଓରଫ ବାବୁନା(୧୯) ଓ ନୟାଗଡ ଦଶପଲ୍ଲା ଅଞ୍ଚଳର ଚନ୍ଦ୍ରଶେଖର ମହାପାତ୍ର ଓରଫ ଚନ୍ଦନ। ବାବୁ ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ରହୁଥିବାବେଳେ ଚନ୍ଦନ ଡୁମୁଡୁମା ବସ୍ତିରେ ରହି ମୋବାଇଲ୍ ଫୋନ୍ ଲୁଟ୍ କରୁଥିଲେ। ପୋଲିସ ସେମାନଙ୍କଠାରୁ ୧୮ ଦାମୀ ମୋବାଇଲ ଫୋନ ଜବତ କରିଛି। ଏମାନଙ୍କ ନାମରେ ଏକାଧିକ ମାମଲା ରହିଥିବା ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି।

## ଶିବାନନ୍ଦ ସ୍କୁଲରେ କମ୍ପ୍ୟୁଟର ଲାବ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟରେ କମ୍ପ୍ୟୁଟର ଲାବ୍ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ନାଲ୍‌କୋର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଓ ସସ୍ମିତା ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଛାତ୍ରମାନେ ଉତ୍ସାହୀ, ଅର୍ନ୍ତଦୃଷ୍ଟିସମ୍ପନ୍ନ, ସମୟାନୁପଯୋଗୀ ଓ ଆଧ୍ୟାତ୍ମିକ ହେବା ଉଚିତ୍। କୌଣସି ଛାତ୍ର ମାଟ୍ରିକ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଲେ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଶ୍ରୀଧର ପାତ୍ର କହିଛନ୍ତି। ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିବାବେଳେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ସ୍କୁଲରେ ଉତ୍କର୍ଷତା ଉପରେ କହିଥିଲେ। ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଏସ୍.ଏନ୍ ତ୍ରିପାଠୀ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଘରୁ ବାହାରକୁ ଡାକି ଯୁବକଙ୍କୁ ହାଣିଲେ

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ଅପରାଧ ପ୍ରବଣ ହୋଇପଡିଛି ଭୁବନେଶ୍ୱର। ଶନିବାର ଅପରାହ୍ନରେ ଜଣେ ଯୁବକଙ୍କୁ ଗାଡ଼ି ଭିତରେ ବେକ କାଟି ହତ୍ୟା ଘଟଣା ଘଟିଥିବାବେଳେ ରାତିରେ କଟକ ରୋଡରେ ଅନ୍ୟଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ହୋଇଛି। ତାଙ୍କ ପିଠି ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିବାବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ସେ ହେଲେ ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ଅନିଲ କୁମାର। ରାତି ପ୍ରାୟ ସାଢେ ୧୦ଟାରେ ୨ଜଣ ଯୁବକ ସ୍କୁଟିରେ ତାଙ୍କ ଘର ନିକଟରେ ପହଞ୍ଚି ଡାକିଥିଲେ। ଅନିଲ ବାହାରକୁ ଆସିବାକ୍ଷଣି ସେମାନେ ବିଭିନ୍ନ ମାରଣାସ୍ତ୍ରରେ ଚୋଟ ପରେ ଚୋଟ ମାରି ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଭରତ କୁମାର ସାହୁ ସୂଚନା ଦେଇଛନ୍ତି।

# ଜମ୍ମୁ-କଶ୍ମୀରର ପର୍ଯ୍ୟଟନ ବିଭାଗର ରୋଡ୍ ଶୋ'

ଭୁବନେଶ୍ୱର,୬।୩ (ବ୍ୟୁରୋ)



ଜମ୍ମୁ କଶ୍ମୀର ପର୍ଯ୍ୟଟନ ବିଭାଗ ପକ୍ଷରୁ ରୋଡ୍ ଶୋ' ସମ୍ପର୍କରେ ସୂଚନା ଦିଆଯାଉଛି।

**ଓଡ଼ିଶା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଯୋଜନା**

ଜମ୍ମୁ ଓ କଶ୍ମୀର ପର୍ଯ୍ୟଟନ ବିଭାଗ ଓଡ଼ିଶାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଭୁବନେଶ୍ୱରରେ ରୋଡ୍ ଶୋ ଅଭିଯାନ ଆରମ୍ଭ କରିଛି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜମ୍ମୁ କଶ୍ମୀର ପର୍ଯ୍ୟଟନ ବିଭାଗ, ହାଉସ୍ ବୋଟ ମାଲିକ ସଂଘ ତଥା ଜମ୍ମୁ ଓ କଶ୍ମୀର (ପ୍ରସାରଣ)ର ଉପନିର୍ଦ୍ଦେଶକ ଇଦିଲ୍ ସଲିମ୍, ଉପମହାପ୍ରବନ୍ଧକ ଅଶ୍ୱିନୀ ଗୁପ୍ତା, ହାଉସ୍ ବୋଟ ମାଲିକ ସଂଘ ଅଧ୍ୟକ୍ଷ ମି. ହମିଦ୍ ୱଗନୁ ପ୍ରମୁଖ ରୋଡ୍ ଶୋ'ର ପ୍ରତିନିଧିତ୍ୱ କରୁଛନ୍ତି। ବିଶ୍ୱ ପର୍ଯ୍ୟଟନ ଦିବସଠାରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଜମ୍ମୁ ଓ କଶ୍ମୀର ନିଜର ନୈସର୍ଗିକ ଶୋଭାକୁ ଉପଭୋଗ ପାଇଁ ଓଡ଼ିଶାର ଲୋକଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ରହିଛି। ପର୍ଯ୍ୟଟକମାନେ ଗୁଲମାର୍ଗ, ଶ୍ରୀନଗର, ପାଲଗାମ୍, ପାଟନୀଟପ୍, ନାଥାଟପ୍, ସନ୍‌ମାର୍ଗ ଏବଂ ଦୁଧ୍‌ପଥ୍ରୀ ପରି ଅନେକ ସ୍ଥାନ ଭ୍ରମଣର ସୁଯୋଗ ନେଇପାରିବେ। ଗୁଲମାର୍ଗ ଖେଲୋ ଇଣ୍ଡିଆର ଦ୍ୱିତୀୟ ସଂସ୍କରଣକୁ ଆୟୋଜିତ କରିଛି ବୋଲି ଇଦିଲ୍ ସଲିମ୍ ସୂଚନା ଦେଇଛନ୍ତି। ପୂର୍ବରୁ ଗୁଜରାଟର ଅହମ୍ମଦାବାଦଠାରେ ଏପରି ରୋଡ୍ ଶୋ ଆୟୋଜିତ ହୋଇଥିଲା। ଆଗକୁ ବେଙ୍ଗାଲୁରୁ, ଭୋପାଳ, ଇନ୍ଦୋର, ଚେନ୍ନାଇ, ରାୟପୁର, ମୁମ୍ବାଇ, ନୂଆଦିଲ୍ଲୀ, କୋଚିନ, ବାରାଣସୀ, ନାଗପୁର ଆଦି ସହରରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। କଶ୍ମୀର ପ୍ରତି ରହିଥିବା ଭୟ ଦୂର କରି ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**



@ ସନ୍ତୋଷ



@ ପ୍ରୀତମ



@ ହର୍ଷ



@ ନବରତ୍ନ



@ ଶୁଭମ



@ ଭୀମ



@ ପ୍ରସନ୍ନ

# ନାରୀ ଚିତ୍ରଶିଳ୍ପୀ ଶିବିର

ଭୁବନେଶ୍ୱର, ୬।୩ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ବୁଦ୍ଧ ଆର୍ଟ ଗ୍ୟାଲେରିରେ ଶନିବାର ନାରୀ ଚିତ୍ରଶିଳ୍ପୀ ଶିବିର ଆରମ୍ଭ ହୋଇଛି। ଶିବିରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୦ଜଣ ନାରୀ ଚିତ୍ରଶିଳ୍ପୀ ଯୋଗଦେଇଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆୟୋଜିତ ଏହି ଶିବିରକୁ ବସନ୍ତ କୁମାରୀ ସାମନ୍ତ ଉଦ୍‌ଘାଟନ କରିଥିଲେ। ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆୟୋଜିତ ଶିବିରକୁ ପ୍ରଶଂସା କରିଥିଲେ। ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏକାଡେମୀର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଭାଗର ଯୁଗ୍ମ ଶାସନ ସଚିବ ମନସ୍ୱିନୀ ସାହୁ ଶିଳ୍ପୀଙ୍କୁ ସ୍ୱାଗତ କରିଥିଲେ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ ଓ ଉଦ୍‌ଯାପନୀ ଉତ୍ସବରେ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ସୂଚନା ଦିଆଯାଇଛି।



ନାରୀ ଚିତ୍ରଶିଳ୍ପୀ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।


ପୁରୀ ବଡ଼ଦାଣ୍ଡରେ ମହିଳାମାନେ ସଫେଇ କରୁଛନ୍ତି।


କୁନି ପିଲାମାନେ ଚିତ୍ରକଳା ମାଧ୍ୟମରେ ସଚେତନ ବାର୍ତ୍ତା ଦେଉଛନ୍ତି।

# ଆରମ୍ଭ ହେଲା ବଡ଼ଦାଣ୍ଡ ସେବା

**ପୁରୀ ଅଫିସ,୬।୩**

ପୁରୀ ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ପୁରୀ ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଉଦ୍ଦେଶ୍ୟରେ ଏହି ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି। ସହରର ଏହି ସଫେଇ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଯୋଗ ଦେଇଛନ୍ତି। ସକାଳ ସାଢ଼େ ୬ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରିଚିକୋଟ୍, ମାର୍କେଟ ଛକ, ଡାକ୍ତରଖାନା ଛକ, ବଡ଼ଶଙ୍ଖ ଓ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ୫ ଭାଗରେ ବିଭକ୍ତ କରାଯାଇ ଏହି ସଫେଇ ଅଭିଯାନ ଆରମ୍ଭ ହୋଇଛି। ଏହି ସ୍ଥାନଗୁଡ଼ିକରେ ସଫେଇ ସହିତ ଓଡ଼ିଶୀ, ଗୋଟିପୁଅ ଓ ଭଜନ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଯାଇଛି। ୫ଟି ଯାକ ସ୍ଥାନରେ ମଞ୍ଚ ନିର୍ମାଣ ହୋଇଥିବା ବେଳେ ମୁଖ୍ୟ ମଞ୍ଚ ମୁକ୍ତାକାଶ ରଙ୍ଗମଞ୍ଚରେ ନିର୍ମାଣ କରାଯାଇଥିଲା। ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ସମେତ ବକ୍ତୃତା, ଝୋଟି ଓ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା। ପୁରୀ ସହରର ସବୁ ବର୍ଗର ଅନୁଷ୍ଠାନ, ସ୍ୱେଚ୍ଛାସେବୀ, ପୋଲିସ, ଶିକ୍ଷାବିତ୍, ପର୍ଯ୍ୟଟକ ଓ ଛାତ୍ରୀଛାତ୍ରମାନେ ଏହି ସଫେଇ ଅଭିଯାନରେ ସାମିଲ ହୋଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମାଧ୍ୟମରେ ପ୍ରଶାସନ ସାଧାରଣ ଲୋକଙ୍କୁ ସଫେଇ କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରୁଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ପ୍ଲାଷ୍ଟିକ୍ କଲେକ୍ସନ୍ ପାଇଁ ବଡ଼ଦାଣ୍ଡରେ କାଉଣ୍ଟର ନିର୍ମାଣ ହୋଇଛି।


ଜଣେ ମହିଳା ବଡ଼ଦାଣ୍ଡରେ ଝୋଟି ଆଙ୍କୁଛନ୍ତି।

ପ୍ଲାଷ୍ଟିକ୍ ଏକାଠି କରି ସଂପୃକ୍ତ ବ୍ୟକ୍ତି କାଉଣ୍ଟରରେ ଦାଖଲ କରିପାରିବେ। ଏକ କିଲୋଗ୍ରାମରୁ ଅଧିକ ପ୍ଲାଷ୍ଟିକ୍ ସଂଗ୍ରହ କରିଥିବା ବ୍ୟକ୍ତିଙ୍କୁ ପୌରସଂସ୍ଥା ଓ ହୋଟେଲ ଆସୋସିଏଶନ୍ ପକ୍ଷରୁ ଟି-ଶାର୍ଟ ପ୍ରଦାନ କରାଯାଇଛି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏହି ଅବସରରେ କହିଛନ୍ତି, ବଡ଼ଦାଣ୍ଡ ସଫେଇ ପାଇଁ ପ୍ରତିମାସରେ ମ୍ୟୁନିସିପାଲିଟି ୩୫ ଲକ୍ଷ ଟଙ୍କା ଏକ ଏନ୍‌ଜିଓକୁ ଦେଉଛି। ବଡ଼ଦାଣ୍ଡ ସେବା ଭଳି ସଫେଇ କାର୍ଯ୍ୟକ୍ରମ ହାତକୁ ନେଇ ଜିଲା ପ୍ରଶାସନ ଏକ ଭଲ ଓ ସକାରାତ୍ମକ ସଙ୍କେତ ଦେଇଛି। ଅନ୍ୟପକ୍ଷରେ ବଡଦାଣ୍ଡ ସେବା କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ତାଲିକା ଜିଲା ପ୍ରଶାସନ ପ୍ରକାଶ କରିଛି। କେଉଁ ସଙ୍ଗଠନ କେଉଁ ଦିନରେ ଓ ବଡ଼ଦାଣ୍ଡରେ କେଉଁ କାର୍ଯ୍ୟକ୍ରମ ପରିବେଷଣ କରିବେ ସେଥିରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଶ୍ରୀମନ୍ଦିର ପ୍ରଶାସକ ଅଜୟ କୁମାର ଜେନା, ଉପଜିଲାପାଳ ଭବତାରଣ ସାହୁ ଓ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

■ ୫ ସ୍ଥାନରେ ହେଲା ସଫେଇ

■ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

## ସଂକ୍ଷେପରେ

### ଦୁଇ ଦିନିଆ କର୍ମଶାଳା

**ସାକ୍ଷୀଗୋପାଳ,୬।୩(ସ୍ୱ.ପ୍ର.):** ଅଖିଳ ଭାରତୀୟ ଗୁରୁକୁଳ ଓ ଗୋଶାଳା ଅନୁସନ୍ଧାନ ସଂସ୍ଥାନ, ଓଡ଼ିଶା ପକ୍ଷରୁ ଦୁଇଦିନିଆ କର୍ମଶାଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀର ଲାଣ୍ଡୁପଡ଼ାଠାରେ ଆୟୋଜିତ ଉତ୍ସବରେ ସଂସ୍ଥାନର ରାଷ୍ଟ୍ରୀୟ ଅଧକ୍ଷ ଗୌତମ ଋଷିଜି ଅତିଥିଭାବେ ଯୋଗଦେଇଥିଲେ। ଗୋ ମାତାର ସୁରକ୍ଷା, ଗୋବଂଶ ବୃଦ୍ଧି, ଘରେ ଘରେ ଗୋମାତା ପାଳନ, ସନାତନ ଧର୍ମର ସୁରକ୍ଷା ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଚାଷଜମିରେ ଗୋବର ଖତ ଓ ଜୈବିକ ଖତ ଉପରେ ପ୍ରୟୋଗ କରାଗଲେ ମାଟି ଉର୍ବର ରହିବ ବୋଲି ଋଷିଜି କହିଥିଲେ। ଏହି ଅବସରରେ ଏକ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜିତ ହୋଇଥିଲା। ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ବରାଳ, ଚିତ୍ରସେନ ବରାଳ, ଦିଲ୍ଲୀପ ସାହୁ, ସତ୍ୟନାରାୟଣ ସାହୁ, ସୁରଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପିପିଲି ଏନ୍‌ସିଟିକୁ ହରାଇ ପାଟଳଦା କ୍ଲବ ଚାମ୍ପିୟନ

**ଅସ୍ତରଙ୍ଗ,୬।୩(ଡି.ଏନ୍.ଏ.):** ଅସ୍ତରଙ୍ଗ ତାରିଣୀ କ୍ଲବ ଦ୍ୱାରା ଆୟୋଜିତ ୨୧ତମ ତାରିଣୀ କପ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଚୌଧୁରୀ କ୍ରିକେଟ ପଡ଼ିଆରେ ଉଦ୍‌ଯାପନ ହୋଇଯାଇଛି। ଫାଇନାଲ ମ୍ୟାଚରେ ପିପିଲି ଏନ୍‌ସିଟି ଦଳକୁ ହରାଇ ପାଟଳଦା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିଣି ପାଟଳଦା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ ପିପିଲି ଦଳ ୮ ଉଇକେଟ ହରାଇ ୧୩୪ ରନ କରି ପରାଜୟ ସ୍ୱୀକାର କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୨୭ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ୧୭ହଜାର ଟଙ୍କା ସହ ରନର୍ସ କପ୍ ପ୍ରଦାନ କରିଥିଲେ। ଅନ୍ୟ ଅତିଥି ଭାବେ ପୁରୀ ଜିଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜ, ରାଜ୍ୟ କୃଷକ ସେଲ ଅଧକ୍ଷ ଅମିୟ ପଟ୍ଟନାୟକ, ବିଶ୍ୱଭୂଷଣ ଦାସ, ବାଉରିବନ୍ଧୁ ମହାନ୍ତି, ସାମାଜିକ କର୍ମୀ ସୁମନ୍ତ ସ୍ୱାଇଁ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କ୍ଲବର ସଭାପତି ମନୋଜ କୁମାର ବିଶ୍ୱାଳ, ସମ୍ପାଦକ ସଞ୍ଜୟ ପ୍ରଧାନ ଓ ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ତଣ୍ଡାକୂଳରେ ବିଶ୍ରାମଗୃହ, ଶୌଚାଳୟ ନିର୍ମାଣ ଦାବି

**କଣାସ,୬।୩(ସ୍ୱ.ପ୍ର.)**

ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ କଣାସ ବ୍ଲକରେ ଥିବା ଚିଲିକା ଓ ସମୁଦ୍ରର ସଙ୍ଗମସ୍ଥଳ ତଣ୍ଡାକୂଳକୁ ଅଣଦେଖା କରାଯାଉଛି। ଏହି ପର୍ଯ୍ୟଟନସ୍ଥଳକୁ ପ୍ରତିଦିନ ବିଭିନ୍ନ ରାଜ୍ୟରୁ ଶତାଧିକରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସି ଚିଲିକା ଓ ସମୁଦ୍ରର ପ୍ରାକୃତିକ ଦୃଶ୍ୟ ଉପଭୋଗ କରୁଥିବାବେଳେ ସେମାନଙ୍କ ପାଇଁ ସାଧାରଣ ସୁବିଧା ନ ଥିବା ଅଭିଯୋଗ ହୋଇଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମଗୃହ ଓ ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ବାହୁଙ୍ଗା, ବରଡ଼ା ପକାଇ କରିଥିବା କେତେକ ଉଠଦୋକାନୀଙ୍କ ତଳେ ପର୍ଯ୍ୟଟକମାନେ ଆଶ୍ରୟ ନେଉଛନ୍ତି। ବିଶେଷକରି ମହିଳା ପର୍ଯ୍ୟଟକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ସରକାରଙ୍କ ପକ୍ଷରୁ ତଣ୍ଡାକୂଳ ପାଇଁ କୌଣସି ସୁବିଧା କରାଯାଉ ନ ଥିବାରୁ ନିକଟସ୍ଥ ଶିପକୁଦ, ଆଲୁପାଟଣା, ସାତପଡା ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୈନନ୍ଦିନ ସାତପଡ଼ା, ଆଲୁପାଟଣା, ଶିପକୁଦ ଗ୍ରାମକୁ ଶହଶହ ପର୍ଯ୍ୟଟକ ଆସି ସେଠାରୁ ଡଙ୍ଗା ସାହାଯ୍ୟରେ ଚିଲିକାରେ ଭ୍ରମଣ କରିବା ସହ ପକ୍ଷୀମାନଙ୍କ ଦୃଶ୍ୟ, ଡଲଫିନ୍ ଦେଖି ତଣ୍ଡାକୂଳରେ ରହି ଚିଲିକା ଓ ସମୁଦ୍ରର ଦୃଶ୍ୟକୁ ଉପଭୋଗ କରନ୍ତି। ରାତ୍ରିଯାପନ ପାଇଁ ସୁବିଧା ଓ ବିଶ୍ରାମଗୃହ ନ ଥିବାରୁ ସନ୍ଧ୍ୟା ହେଲେ ପର୍ଯ୍ୟଟକ ଓ ଉଠାଦୋକାନୀମାନେ ତଣ୍ଡାକୂଳରୁ ଫେରିଯାଆନ୍ତି। ତେଣୁ ତୁରନ୍ତ ରାଜ୍ୟ ସରକାର ତଣ୍ଡାକୂଳରେ ଯାତ୍ରୀ ବିଶ୍ରାମଗୃହ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା କରିବାକୁ ପର୍ଯ୍ୟଟକ ଓ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର

**ପୁରୀ ଅଫିସ, ୬।୩**

ରାମଚଣ୍ଡୀ ସୋସିଓ ୱେଲଫେୟାର କଲଚରାଲ ଆସୋସିଏଶନ (ଆର୍‌ଏସ୍‌ଡବ୍ଲ୍ୟୁସିଏ)ର ରୌପ୍ୟ ଜୟନ୍ତୀ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୂର୍ବାହ୍ନରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ, ଲିଟିଲ ଚାମ୍ପସ, ଲଘୁ ସଙ୍ଗୀତ ଓ ଓଡ଼ିଶୀନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ପୁରୀର ସାମାଜିକ କର୍ମୀମାନଙ୍କୁ ସାମାଜିକ କର୍ମୀ ସମ୍ମାନ ଓ ଆମ୍ବୁଲାନ୍ସ ଡ୍ରାଇଭରମାନଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ଉତ୍ସବରେ 'ଭାବକୁ ନିକଟ' ନାମକ ନାଟକ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହାକୁ ଦେଖି ଦର୍ଶକ ବିଭୋର ହୋଇଥିବା ବେଳେ ମୁଖ୍ୟ ଅତିଥି ଏମ୍‌ପି ମିଶ୍ର ଏହାକୁ ବେଶ୍ ପ୍ରଶଂସା କରିଛନ୍ତି। ଉତ୍ସବରେ ଦିବାକର ପାତ୍ର, ଅରୁଣ ଭଟ୍ଟାଚାର୍ଯ୍ୟ, ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।


ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଡ଼କ ସୁରକ୍ଷା ସମ୍ପର୍କିତ ଏମ୍‌ପିଙ୍କ ବୈଠକ

**ପୁରୀ ଅଫିସ,୬।୩**

ସଡ଼କ ସୁରକ୍ଷା ସମ୍ପର୍କିତ ସଂସଦୀୟ କ୍ଷେତ୍ର କମିଟି ବୈଠକ ଶନିବାର ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ କାଠପୋଲ ମରାମତି, ଜାତୀୟ ରାଜପଥ- ୩୧୬ରେ ଜବରଦଖଲ ଉଚ୍ଛେଦ ସହ ଅନଧିକୃତ ଭାବେ ଥିବା ୪୦ଟି ମେଡିଆନକୁ ହଟେଇବା, ରାସ୍ତା ମରାମତି, ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସତ୍ୟବାଦୀ, ସାତଶଙ୍ଖ, ପଟ୍ଟନାୟିକିଆ ଛକ, ମାଳତୀପାଟପୁର ଓ ହରେକୃଷ୍ଣପୁରରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ପୋଲିସ ପକ୍ଷରୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ୧୫ଟି ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ପିପିଲି ଥାନା ଅଧୀନରେ ୬ଟି, ସତ୍ୟବାଦୀ ଥାନା ଅଧୀନରେ ୪ଟି, ଚନ୍ଦନପୁର ଥାନାର ୨ଟି ସ୍ଥାନ ରହିଛି। ଗତବର୍ଷ ମଦ ପିଇ ଗାଡ଼ି ଚଳାଇବା ମାମଲାରେ ପ୍ରାୟ ୩୨ ଲକ୍ଷ ଆଦାୟ କରାଯାଇଛି। ୨ ମାସରେ ନିୟମ ଉଲ୍ଲଂଘନ ନେଇ ୮୯ ଜଣଙ୍କ ଡିଏଲ୍ ବାତିଲ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଞ୍ଚଳିକ ପରିବହନ ଅଧିକାରୀ ସମୀର ଦଳାଇ ଧନ୍ୟବାଦ ଦେଇଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରକଳ୍ପ ନିର୍ଦ୍ଦେଶକ ଡି.କେ ସିଂ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ ଦାଶ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା, ବସ୍ ଓ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସନ୍ତୋଷ


@ ପ୍ରୀତମ୍


@ ହର୍ଷ


@ ନବରତ୍ନ


@ ଶୁଭମ


@ ଭୀମ


@ ପ୍ରସନ୍ନ



ପୁରୀ ଜିଲା ସ୍କୁଲର ସୁନୀଲ ମିଶ୍ର ଫାଉଣ୍ଡେଶନ ପକ୍ଷରୁ ହାଇସ୍କୁଲ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସାକ୍ଷୀଗୋପାଳରେ ବଢ଼ୁଛି ଟ୍ରାଫିକ ସମସ୍ୟା

**ସାକ୍ଷୀଗୋପାଳ,୬।୩(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ବଜାରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି। ବିଶେଷକରି ସନ୍ଧ୍ୟାରେ ପରିସ୍ଥିତି ଏଭଳି ହେଉଛି ଯେ ସାଧାରଣ ପଥଚାରୀ ଯାତାୟାତ କରିବା ଦୁର୍ବିଷହ ହେଉଛି। ଶନିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ଦର୍ଶନକୁ ଆସିଥିବା ଦୁଇଟି ବଡ଼ ଟୁରିଷ୍ଟ ବସ୍ ବଜାର ମଧ୍ୟରେ ଫେରିବା ବେଳେ ରନ୍ଦିରା ବ୍ରିଜ୍‌ଠାରୁ ବଡ଼ବଜାର ମଧ୍ୟରେ ଭିଡ଼ ଯୋଗୁ ରାସ୍ତାଜାମ ହୋଇଯାଇଥିଲା। ଛୋଟବଡ଼ ଚାରିଚକିଆ ଯାନ, ବାଇକ୍, ସାଇକେଲ ଆରୋହୀଙ୍କ ସହିତ ପଥଚାରୀ ଦୀର୍ଘ ଘଣ୍ଟାଏ କାଳ ଫସି ରହିଥିବା ଦେଖାଯାଇଥିଲା। ସାଧାରଣ ଟ୍ରାଫିକ ନିୟମକୁ ଭୁଲିଯାଇ ସଭିଏଁ ସଂକୀର୍ଣ୍ଣ ବଜାର ମଧ୍ୟରେ ଆଗୁଆ ଯିବାକୁ ଉଦ୍ୟମ କରିବା ଫଳରେ ପରିସ୍ଥିତି ଜଟିଳ ହୋଇଥିଲା। ଏହି ସମସ୍ୟା ଦୂରୀକରଣ ନିମନ୍ତେ ସାକ୍ଷୀଗୋପାଳ ମନ୍ଦିର ବାଇପାସ୍ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଟ୍ରାଫିକ ପରିଚଳନା କରାଯାଉ ନ ଥିବାରୁ ଏହି ସମସ୍ୟା ଉପୁଜୁଥିବା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି। ଏପରିକି ରେଳଫାଟକ ବନ୍ଦରହିବା ସମୟରେ ଏହି ଅସୁବିଧା ବୃଦ୍ଧି ପାଉଥିବାରୁ ସାକ୍ଷୀଗୋପାଳ ରେଳଫାଟକକୁ ଓଭରବ୍ରିଜ କରିବାକୁ ସ୍ଥାନୀୟ ଜନସାଧାଣ ଦାବୀକ୍ରମେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ବଜାର ରାସ୍ତା ଉପରେ ସାକ୍ଷୀଗୋପାଳ ମନ୍ଦିରକୁ ତୀର୍ଥଯାତ୍ରୀଙ୍କର ଚଳାଚଳ, ୧୧ଟି ପଞ୍ଚାୟତ ଲୋକଙ୍କର ଗମନାଗମନ, ଡାକ୍ତରଖାନା, ବ୍ୟାଙ୍କ, ବଜାର, ପିଲାମାନଙ୍କର କଲେଜକୁ ଯିବା ଆସିବା ନିର୍ଭର କରୁଥିବାରୁ ଭିଡ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଲିସ ମୁତୟନ କରିବା ନେଇ ସାଧାରଣରେ ଦାବି କରାଯାଇଛି।

## ଆଜି କ'ଣ କେଉଁଠି

**ବଲଙ୍ଗା**

- ଭାଗବତ ପାରାୟଣ ମହାଯଜ୍ଞ ପୂର୍ଣ୍ଣାହୁତି, ଗଣେଶ ଛକ, ବକୁଗ୍ରାମ, ରେହୁଆ ଶାସନ, କୋଠକୁସାଙ୍ଗ, ସନ୍ଧ୍ୟା ୭ଟା।

**ସାକ୍ଷୀଗୋପାଳ**

- ମା' ମହାମାୟା ରାତ୍ରୀକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ଲାଣ୍ଡୁପଡା ବିଦ୍ୟାଳୟ ପଡିଆ, ରାତି ୮ଟା।

## ସଂକ୍ଷେପରେ

### ଲଜ୍‌ରେ ଯୁବକଙ୍କୁ ଆକ୍ରମଣ

**ନିରାକାରପୁର,୬।୩(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅଧୀନ କାଲୁପଡ଼ାସ୍ଥିତ ଏକ ଲଜ୍‌ରେ ପଞ୍ଚୁପାଟିଆ ଗ୍ରାମର ନିରଞ୍ଜନ ବିଶ୍ୱାଳ(୨୫)ଙ୍କୁ ଆକ୍ରମଣ ହୋଇଛି। ଏନେଇ ନିରଞ୍ଜନଙ୍କ ଦାଦା ଅର୍ଜୁନ ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ନିରଞ୍ଜନ ଶୁକ୍ରବାର ରାତି ୧୦ଟାରେ ଲଜରେ ରହୁଥିବା ଜଣେ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଯାଇଥିଲେ। ମାତ୍ର ଲଜ ମାଲିକ ଓ ତାଙ୍କ ସହଯୋଗୀମାନେ ଭିତରକୁ ଯିବା ପାଇଁ ମନା କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସେମାନେ ନିରଞ୍ଜନଙ୍କୁ ବାନ୍ଧି ବାଡ଼େଇଥିଲେ। ଖବରପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ନିରଞ୍ଜନଙ୍କୁ ଉଦ୍ଧାର କରି ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ଡକାୟତି ଗ୍ୟାଙ୍ଗ୍‌ର ୫ ଗିରଫ

**ପୁରୀ ଅଫିସ,୬।୩:** ସାମୁଦ୍ରିକ ଥାନା ପୋଲିସ ଏକ ଡକାୟତି ଗ୍ୟାଙ୍ଗର ୫ଜଣଙ୍କୁ ଶୁକ୍ରବାର ବିଳମ୍ବିତ ରାତ୍ରରେ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଇନ୍ଦ୍ରଜିତ୍ ଦାସ, ଲିପୁ ରାଉତ, ସତ୍ୟବ୍ରତ ହରିଚନ୍ଦନ, ଏସ କେ ଇସ୍ତିକ୍ ଅହମ୍ମଦ ଓ ମହାବୀର ପ୍ରଧାନ। ସେମାନଙ୍କ ନିକଟରୁ ପୋଲିସ ଏକ ଖଣ୍ଡା ଓ ବୋମା ଜବତ କରିଛି। ଶୁକ୍ରବାର ସମୁଦ୍ରକୂଳ ଥାନା ପୋଲିସ ରାତ୍ର ପାଟ୍ରୋଲିଂ କରୁଥିବାବେଳେ ପେଣ୍ଠକଟା ନିକଟରେ ଏହି ଗ୍ୟାଙ୍ଗ ଡକାୟତି କରୁଥିବା ସୂଚନା ପାଇ ଚଢ଼ାଉ କରିଥିଲେ। ପେଣ୍ଠକଟାସ୍ଥିତ ହେଲିପ୍ୟାଡଠାରେ ବସ୍ ରୋକି ମାରଣାସ୍ତ୍ର ଦେଖାଇ ଡକାୟତି କରୁଥିବା ସମୟରେ ଗ୍ୟାଙ୍ଗକୁ ପୋଲିସ କାବୁ କରିଛି। ଏ ନେଇ ପୋଲିସ ନଂ.୫୯।୧୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମହନ୍ତ ବନମାଳୀଙ୍କ ଶ୍ରାଦ୍ଧଦିବସ

**କଣାସ,୬।୩(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ କଣାସ ବଡ଼ମଠର ପୂର୍ବତନ ମହନ୍ତ ସ୍ୱର୍ଗତ ବନମାଳୀ ଦାସଙ୍କର ୪୨ତମ ଶ୍ରାଦ୍ଧଦିବସ ଶନିବାର କଣାସଠାରେ ପ୍ରତିଷ୍ଠିତ ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ଉକ୍ତ ବିଦ୍ୟାଳୟର ପ୍ରତିଷ୍ଠାତା କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ଯୋଗଦେଇ ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ଶିକ୍ଷାବିତ୍ ପରୀକ୍ଷିତ ବଡଜେନା, ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, ସହକାରୀ ଶିକ୍ଷକ ପ୍ରଦୀପ ସ୍ୱାଇଁ, ଶିକ୍ଷୟିତ୍ରୀ ମମତା ରାଣୀ ସାହୁ, ଅର୍ଚ୍ଚନା ପୁରୋହିତ, ଚମ୍ପାମଣୀ ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ପ୍ରହରାଜ, ଚନ୍ଦ୍ରାବତୀ ପଟ୍ଟନାୟକ, ବନଲତା ସ୍ୱାଇଁ, ପ୍ରଫୁଲ୍ଲ ଚନ୍ଦ୍ର ସୁପକାର ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ବଡ଼ଜେନା ଟିମ୍ ଚାମ୍ପିୟନ

**କୃଷ୍ଣପ୍ରସାଦ,୬।୩(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଅଧୀନ ମା' ବଡ଼ଜେନା କ୍ରିକେଟ ଟିମ ଅଣୁଆଁ ଆନୁକୂଲ୍ୟରେ ବିନାୟକ କ୍ଲବ ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଜରଙ୍ଗୀ କ୍ରିକେଟ ଟିମକୁ ହରାଇ ଆୟୋଜକ ଦଳ ବଡ଼ଜେନା ଟିମ୍ ଚାମ୍ପିୟନ ହୋଇଛି। ସିଦ୍ଧାର୍ଥ ପ୍ରିୟଦର୍ଶନୀ, ସିପୁ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିରଣ ଉତ୍ସବରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଯୁବ ସଙ୍ଗଠକ ଅଶୋକ ବିଶ୍ୱାଳ, ଭାଜପା ଯୁବ ମୋର୍ଚ୍ଚା ପ୍ରଭାରୀ ଉତ୍ତମ ତରେଇ, ନବୀନ ଜେନା, ପ୍ରଫୁଲ ବାରିକ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅଫ ଟିମକୁ ପୁରସ୍କୃତ କରିଥିଲେ।

# ଖୋର୍ଦ୍ଧାରେ ହେବ ୨ ମେଗା ଜଳଯୋଗାଣ ପ୍ରକଳ୍ପ

- ଖର୍ଚ୍ଚ ହେବ ୩୪୮ କୋଟି, ହଟିବ ପାନୀୟଜଳ ସମସ୍ୟା
- ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିଧାୟକ

**ଖୋର୍ଦ୍ଧା ଅଫିସ,୬।୩**

ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ସରକାର ପ୍ରାଥମିକତା ଦେଇଛନ୍ତି। ଜଳ ଜୀବନ ମିଶନ(ଜେଜେଏମ୍) ଯୋଜନାରେ ୩୪୮କୋଟି ବ୍ୟୟ ଅଟକଳରେ ଖୋର୍ଦ୍ଧା ଜିଲାରେ ୨ଟି ମେଗା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଜିଲାରେ ଜଳକଷ୍ଟ ରହିବ ନାହିଁ। ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହେବ। ଲୋକଙ୍କୁ ପାଣି ପାଇଁ ଦୂର ବାଟକୁ ଚାଲିବାକୁ ପଡ଼ିବ ନାହିଁ। ନିଜ ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳ ପାଇପାରିବେ ବୋଲି ସ୍ଥାନୀୟ ପୂର୍ତ୍ତ ବଙ୍ଗଳାଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ଏହି ପ୍ରକଳ୍ପ ଦ୍ୱାରା ଜିଲାର ୬ଟି ବ୍ଲକର ୭୭ ପଞ୍ଚାୟତ ଅଧୀନ ୫୦୫ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ତନ୍ମଧ୍ୟରୁ ବାଣପୁର ବ୍ଲକର ୧୧ ପଞ୍ଚାୟତର ୯୩ଟି ଗ୍ରାମର ୭୦,୦୦୨ଜଣ, ଚିଲିକା ବ୍ଲକ ୧୭ ପଞ୍ଚାୟତର ୧୧୨ଟି ଗ୍ରାମର ୧,୧୫,୮୨୦, ଟାଙ୍ଗୀ ବ୍ଲକ ୭ ପଞ୍ଚାୟତର ୪୮ଟି ଗ୍ରାମର ୪୭,୩୮୫, ବେଗୁନିଆ ବ୍ଲକ ୫ ପଞ୍ଚାୟତର ୩୫ଟି ଗ୍ରାମର ୩୪,୯୬୨, ଜଟଣୀ ବ୍ଲକ ୧୫ ପଞ୍ଚାୟତର ୯୦ଟି ଗ୍ରାମର ୯୩,୯୫୯ ଏବଂ ଖୋର୍ଦ୍ଧା ବ୍ଲକର ୨୨ ପଞ୍ଚାୟତ ୧୧୭ଟି ଗ୍ରାମର ୧,୩୫,୫୪୮ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବ ବୋଲି କହିଛନ୍ତି। ଏହି ମେଗା ପ୍ରକଳ୍ପରେ ଟାଙ୍ଗୀ ଏବଂ ଖୋର୍ଦ୍ଧା ବ୍ଲକକୁ ସାମିଲ କରାଯାଇଥିବାରୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପକ୍ଷରୁ ବିଧାୟକ ମିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ବିଧାୟକ ମିତ୍ର କହିଥିଲେ, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ଦ୍ରୁତ ବିକାଶ ଘଟିଛି। ପର୍ଯ୍ୟଟନ ଶିଳ୍ପର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇଛି। ଗ୍ରାମୀଣ କ୍ଷେତ୍ର ବିକାଶ ହେଲେ ଦେଶର ବିକାଶ ହେବ। ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ ଜାରି ରଖିଛନ୍ତି। ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି ସେ କହିଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରଶାନ୍ତ ଜଗଦେବ ଓ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସୂଚନା ଦେଉଛନ୍ତି।

# ଜେଲ ଗଲେ ମୁଖ୍ୟ ଅଭିଯୁକ୍ତ

## ଏଆର୍‌ଆଇଙ୍କ ଘରୁ ଲୁଟ୍ ଘଟଣା

**ବେଗୁନିଆ,୬।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବଜାର ନିକଟ କୁଶୁପଲା ରୋଡ୍ ପାର୍ଶ୍ୱରେ ରହୁଥିବା ଅତିରିକ୍ତ ରାଜସ୍ୱ ନିରୀକ୍ଷକ(ଏଆର୍‌ଆଇ) ରମେଶ ଦଳେଇଙ୍କ ଘରୁ ଲୁଟ୍ ଘଟଣାରେ ଶନିବାର ବେଗୁନିଆ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେ ହେଲେ ବେଗୁନିଆ ନୂଆସାହିର ମାନସ ରଣସିଂହ(୨୭)। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ଉପକାରାଗାରକୁ ପଠାଇ ଦିଆଯାଇଛି। ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ, ମାନସ ଏବଂ ତାଙ୍କ ଦୁଇ ସହଯୋଗୀ ଗତ ୩ତାରିଖ ସନ୍ଧ୍ୟାରେ ଏଆରଆଇ ରମେଶଙ୍କ ଘରେ ପଶି ଆକ୍ରମଣ କରିବା ସହ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୪୩/୨୧) ରୁଜୁ ହୋଇଥିଲା। ଅନେକ ଚୋରି ଘଟଣାରେ ମାନସଙ୍କ ସମ୍ପୃକ୍ତି ରହିଛି। ଅଟକ ଥିବା ୨ଜଣଙ୍କୁ ପଚରାଉଚରା କରାଯାଉଛି। ଅନ୍ୟପଟେ ଅଧିକ ତଥ୍ୟ ଦେବା ପାଇଁ ପୋଲିସ ମନା କରିଦେଇଥିଲା।

# ପୁଣି ସମିତିରେ ତାଲା ପକାଇଲେ ଚାଷୀ


ଗୋଳବାଇ ସମିତି କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇ ଧାରଣାରେ ବସିଛନ୍ତି।

**ନିରାକାରପୁର,୬।୩(ଡି.ଏନ୍.ଏ.)**

ମଣ୍ଡିରୁ ମିଲର ଧାନ ନ ଉଠାଇବାରୁ ଗତ ୨ତାରିଖରେ ଚାଷୀମାନେ ଖୋର୍ଦ୍ଧା ଜିଲା ଗୋଳବାଇ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ପରେ ସମିତି ସମ୍ପାଦକ, ସରପଞ୍ଚଙ୍କ ପକ୍ଷରୁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ୫ଦିନ ବିତିଯାଇଥିଲେ ମଧ୍ୟ ପରିସ୍ଥିତିର କୌଣସି ସୁଧାର ନ ଆସିବାରୁ ଶନିବାର ଚାଷୀମାନେ ପୁଣି ସମିତିର ମୁଖ୍ୟ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଖବରପାଇ ଗୋଳବାଇ ସରପଞ୍ଚ ବିପିନ୍ ସେଠୀ, କସ୍ତୁରୀ ସାମନ୍ତରାୟ, କୃଷି କମିଟି ସଭାପତି ରମାକାନ୍ତ ଜେନା, ଉପସଭାପତି ନିଧି କଳସ, ସଦସ୍ୟ ରଶ୍ମିରଞ୍ଜନ କଳସ ପ୍ରମୁଖ ପହଞ୍ଚି ଚାଷୀ ଏବଂ ସମିତି ସମ୍ପାଦକଙ୍କ ସହ ଆଲୋଚନା କରିଥିଲେ। ପରେ ଖୋର୍ଦ୍ଧା ସିଏସ୍‌ଓ ଅନାଥ ସ୍ୱାଇଁଙ୍କ ସହ ଯୋଗାଯୋଗ ପରେ ଏକ ଟିମ୍ ଖୋର୍ଦ୍ଧାରେ ଆସି ଆଲୋଚନା କରିବା ସହ ସମାଧାନର ପ୍ରତିଶ୍ରୁତି ପରେ ଚାଷୀମାନେ ଧାରଣାରୁ ହଟିଥିଲେ। ଆସନ୍ତା ସୋମବାର ଆଲୋଚନା ପରେ ଏହାର ସ୍ଥାୟୀ ସମାଧାନ ନ ହେଲେ ଗଚ୍ଛିତ ଧାନବସ୍ତା ରାଜରାସ୍ତାରେ ରଖି ଧାରଣା ଦେବୁ ବୋଲି ଚାଷୀ ଲୋକନାଥ ସାହୁ, ଗୋକୁଳାନନ୍ଦ ବେହେରା, ସୁକ୍ରା ଚମ୍ପତି, ଭାଗୀରଥି ବେହେରା ପ୍ରମୁଖ କହିଛନ୍ତି। ଚଳିତ ବର୍ଷ ୪୦୦ଚାଷୀ ଟୋକନ୍ ପାଇଛନ୍ତି। ୧୧,୨୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ସରକାରଙ୍କ ପକ୍ଷରୁ ଟାର୍ଗେଟ ରହିଛି। ଏପର୍ଯ୍ୟନ୍ତ ୨୭୩ ଚାଷୀଙ୍କଠାରୁ ୭, ୫୭୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

# ମା'କାଳିକା ଭାଗବତ ପ୍ରତିଯୋଗିତା ଉଦ୍‌ଘାଟିତ

**ବୋଲଗଡ଼,୬।୩(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅସରଳା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମା' କାଳିକା ଭାଗବତ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ନିଆରା ଭାଗବତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଖଉରୁଣୀ ଭାଗବତ ମଣ୍ଡଳୀ ଓ ସାନସହରା ଭାଗବତ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଉଭୟ ଦଳକୁ ୧୦୦ମାର୍କର ପ୍ରଶ୍ନ ପଚରାଯାଇଥିଲା। ଖଉରୁଣୀ ଭାଗବତ ମଣ୍ଡଳୀ ୩୮ ପଏଣ୍ଟ ପାଇଥିବା ବେଳେ ସାନସହରା ଭାଗବତ ମଣ୍ଡଳୀ ୪୭ ପଏଣ୍ଟ ପାଇ ଫାଇନାଲକୁ ଉନ୍ନୀତ ହୋଇଛି। ଦ୍ୱିତୀୟ ଦିବସରେ ତଣ୍ଡାଳ ଭାଗବତ ମଣ୍ଡଳୀ ଓ ଖଇରପଙ୍ଗା ଭାଗବତ ମଣ୍ଡଳୀ ମଧ୍ୟରେ ଅନୁଷ୍ଠିତ ହେବ। ଏହି ନିଆରା ଭାଗବତ ପ୍ରତିଯୋଗିତାରେ ବିଚାରପତି ଭାବେ କେଦାର ନାଥ ପାଟ୍ଟଯୋଶୀ, ସୁକାନ୍ତ ନନ୍ଦ, ସଜିକାନ୍ତ ପଟ୍ଟନାୟକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ମନମୋହିଲା ଲୋକନୃତ୍ୟ


ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଆମ ଗାଁ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

**ବେଗୁନିଆ,୬।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅଧୀନ ମଲ୍ଲୀପଦର ଯାତ୍ରା ପଡ଼ିଆରେ ଚାଲିଥିବା ଆମ ଗାଁ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଆମ ଗାଁ ମହୋତ୍ସବ କମିଟି ସଭାପତି ବିଦ୍ୟାଧର ମହାରଣାଙ୍କ ସଭାପତିତ୍ୱରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଲୋକ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ଛୁଇଁଥିଲା। ଭୁବନେଶ୍ୱର ସାଇକଳା ସଂସଦ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ଅଞ୍ଚଳର ବହୁ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ କର୍ମୀ ପ୍ରଦୀପ ସାହୁ, ମନୋଜ ପଣ୍ଡା, ହାଡ଼ିବନ୍ଧୁ ମହାପାତ୍ର, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ମହମ୍ମଦ ମଇଉଦ୍ଦିନ ଅହମ୍ମଦ, ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଅଖିଳେଶ ମହାପାତ୍ର ଉତ୍ସବକୁ ସଂଯୋଜନା କରିଥିଲେ।

# ଶହୀଦ ସୌଦାଗର ଟିମ୍ ଚାମ୍ପିୟନ

**କୃଷ୍ଣପ୍ରସାଦ,୬।୩(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ପଞ୍ଚାୟତ ଅଧୀନ ଭାଗବତ ଦେବ ସାଂସ୍କୃତିକ ଯୁବକ ସଂଘ ଟୁବୁକା ଆନୁକୂଲ୍ୟରେ ଜେବିଏସ ଆକ୍ୟୁଆଟିକ ସହଯୋଗରେ ଚିଲିକା ଗାନ୍ଧୀ ଉଦୟନାଥ ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବରୁଣେଇ ଟିମ୍‌କୁ ହରାଇ ଶହୀଦ ସୌଦାଗର ଟିମ୍ ଚାମ୍ପିୟନ ହୋଇଛି। ଶହୀଦ ସୌଦାଗର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୪ ରନ ସଂଗ୍ରହ କରିଥିଲା। ଜବାବରେ ବରୁଣେଇ ଟିମ୍ ୧୦ ଉଇକେଟ ବିନିମୟରେ ୧୦୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମନୋଜ ଜେନା, ଝାଡେଶ୍ୱର ଜେନା ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଦାମୋଦର ବିଶ୍ୱାଳ, ବାଲୁଙ୍କେଶ୍ୱର ବିଶ୍ୱାଳ, ଉତ୍ତମ ତରେଇ, ଅଶୋକ ବିଶ୍ୱାଳ, ବିଷ୍ଣୁ ପ୍ରସାଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସ ଅଫ୍ ଟିମକୁ ପୁରସ୍କୃତ କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସ୍ୱାଗତ

**ଜଟଣୀ,୬।୩(ଡି.ଏନ୍.ଏ.)**

ଜଟଣୀ ନଗର ବିଜେଡି ପକ୍ଷରୁ ଶନିବାର ସ୍ଥାନୀୟ ଝରଣା କଲ୍ୟାଣ ପଣ୍ଡପ ପରିସରରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲାରେ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ଜେଜେଏମ୍ ଯୋଜନାରେ ଖୋର୍ଦ୍ଧା ଜିଲାରେ ୨ଟି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପକୁ କ୍ୟାବିନେଟରେ ମଞ୍ଜୁରି ମିଳିଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ଜିଲାରେ ଜଳକଷ୍ଟ ରହିବ ନାହିଁ। ସମ୍ମିଳନୀରେ ବିଜୟ ଛୋଟରାୟ, ଅନନ୍ତ ଶତପଥୀ, ସୁଦର୍ଶନ ସୁନ୍ଦରାୟ, ସନ୍ତୋଷ ହୋତା, କୈଳାସ ମହାପାତ୍ର, ଆଶୁତୋଷ ପ୍ରତାପସିଂ, ହେମନ୍ତ ମହାପାତ୍ର, ରାଜକୁମାର ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।


## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

### ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୧/୯, ତାରିଖ: ୦୨।୦୩।୨୦୨୧**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତୀୟ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ସଂକ୍ଷିପ୍ତ ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧. | ୦୨୨୧୧୭୨୭ | ଏକ୍ସିଲ ଗାଇଡ୍ ଲିଙ୍କ୍ ପାଇଁ ଷ୍ଟେରି ବ୍ଲକ୍ | ୧୭।୦୩।୨୦୨୧ | ୧୦୪୮ ଗୋଟି |
| ୨. | ୦୩୨୧୩୧୪୬ | ନନ୍ ଆଜବେଷ୍ଟସ୍ "ଏଲ୍" ଟାଇପ୍ | ୨୭।୦୩।୨୦୨୧ | ୬୫୫୦ ଗୋଟି |
| ୩. | ୦୩୨୧୧୦୨୪ବି | ବୋଲଷ୍ଟର ସସ୍‌ପେନ୍ସନ୍ ହ୍ୟାଙ୍ଗର | ୨୯।୦୩।୨୦୨୧ | ୩୪୦୦ ଗୋଟି |
| ୪. | ୦୫୨୧୫୦୫୮ | ଅଣ୍ଡରଗ୍ରାଉଣ୍ଡ ସିଗ୍‌ନାଲ କେବୁଲ, ୩୦ କୋର୍ | ୩୦।୦୩।୨୦୨୧ | ୧୮୦୦ କି.ମି. |
| ୫. | ୦୫୨୧୫୦୫୯ | ଅଣ୍ଡରଗ୍ରାଉଣ୍ଡ ସିଗ୍‌ନାଲ କେବୁଲ, ୨୪ କୋର୍ | ୦୮।୦୪।୨୦୨୧ | ୧୪୦୦ କି.ମି. |
| ୬. | ୦୫୨୧୫୦୫୭ | ଅଣ୍ଡରଗ୍ରାଉଣ୍ଡ ଜେଲି ଫିଲ୍‌ଡ କ୍ୱାଡ୍ କେବୁଲ, ୬ କ୍ୱାଡ୍ | ୧୫।୦୪।୨୦୨୧ | ୧୯୦୦ କି.ମି. |
| ୭. | ୦୫୨୧୫୦୬୦ | ଅଣ୍ଡରଗ୍ରାଉଣ୍ଡ ସିଗ୍‌ନାଲ କେବୁଲ, ୬ କୋର୍ | ୨୦।୦୪।୨୦୨୧ | ୧୨୦୦ କି.ମି. |
| ୮. | ୦୫୨୧୫୦୬୯ | ଅଣ୍ଡରଗ୍ରାଉଣ୍ଡ ସିଗ୍‌ନାଲ କେବୁଲ, ୧୯ କୋର୍ | ୨୬।୦୪।୨୦୨୧ | ୧୪୦୦ କି.ମି. |
| ଟେଣ୍ଡର ସମାପ୍ତି/ଖୋଲାଯିବା ସମୟ: ୧୦.୩୦ ଘଟିକା | | | | |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/467 — ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ବିଳାସପୁରଙ୍କ ପାଇଁ



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014
FORM NO. ITCP-I

**NOTICE OF DEMAND TO THE CERTIFICATE DEBTORS**

(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)

**R. P. No. 23/2020/CTC**
(Arising out of OA No. 115 of 2014)

Next Date: 19.04.2021

United Bank of India, Chandrasekherpur Branch ...Certificate Holder Bank

Vs.

M/s. Seashore Agricultural Promotion Co. Pvt. Ltd. & Ors. ...Certificate Debtors

To
1. M/s. Seashore Agricultural Promotion Co. Pvt. Ltd., Plot No.: 298/A. Saheed Nagar, Bhubaneswar.
2. Sri Prashanta Kumar Dash, S/O.: Sri Umesh Chandra Dash, Flat No.-205, N.A. Majestic, Jharpada, Bhubaneswar-751006
3. M/s. Seashore Securities Ltd., Plot NO.: B-58, Chandaka, Industrial Estate, Patia, P.O.-Kiit, Bhubaneswar, Represented through its Managing Director Sri Prashanta Kumar Dash, S/O.: Sri Umesh Chandra Dash, Khurda-751024

Take notice that Certificate arising out of **OA No. 115 of 2014** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 11,33,68,876.00 (Rupees Eleven Crore Thirty Three Lac Sixty Eight Thousand Eight Hundred Seventy Six Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | : Rs. | 11,33,68,876.00 |
| 2. Cost allowed | (+) | : Rs. | 1,50,000.00 |
| 3. Interest @ 14.20% p.a. with yearly rests from 22.01.2014 to 12.04.2019 | | : Rs. | 8,41,08,564.10 |
| | Total | : Rs. | 19,76,27,440.10 |

(Rupees Nineteen Crore Seventy Six Lac Twenty Seven Thousand four Hundred Forty and Paise Ten only) with of interest @ **14.20% p.a.** with yearly rests on the amount due from **13.04.2019** till realization of the entire Dues.

2. You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc., and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **19.04.2021** and report the details of payment made by you.

Given under my hand & seal at Cuttack on this **24th day of February, 2021.**

Sd/- (R.P. Patnaik)
Recovery Officer


# ମିଳୁନି ପାଣି, ଲୋକେ ହନ୍ତସନ୍ତ

**ବେଗୁନିଆ,୬।୩(ଡି.ଏନ୍.ଏ.)**

ଗତ କିଛିଦିନ ଧରି ପ୍ରଚଣ୍ଡ ତାତି ଯୋଗୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ଗ୍ରାମରେ ନଳକୂପ ଅଚଳ ହୋଇପଡ଼ିଥିଲେ ମଧ୍ୟ ମରାମତି କରାଯାଉ ନାହିଁ। ଗ୍ରାମରେ ପାଇପ୍ ଜଳ ଥାଇ ମଧ୍ୟ ଆବଶ୍ୟକତା ମେଣ୍ଟାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବ୍ଲକ ପ୍ରଶାସନ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖାଯାଉ ନ ଥିବାରୁ ଆଗକୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି।

ପ୍ରକାଶ ଯେ, ବେଗୁନିଆ ବ୍ଲକର ୧୬୨ ରାଜସ୍ୱ ଗ୍ରାମରେ ୧୧୧୦ ନଳକୂପ, ୫୯ ସାନିଟାରୀ କୂପ, ୮୦ ପାନୀୟ ଜଳ ପ୍ରକଳ୍ପ ଏବଂ ୪ ହଜାରରୁ ଊର୍ଦ୍ଧ୍ୱ ଖୋଲା କୂପ ରହିଛି। ଚଳିତବର୍ଷ ଅଂଶୁଘାତ ମୁକାବିଲା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ନଳକୂପ ଖନନ ପାଇଁ ଯୋଜନା ରହିଛି। ତେବେ ବିଭିନ୍ନ ଗ୍ରାମରେ ୯୦ରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ହୋଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ପାନୀୟ ଜଳ ପ୍ରକଳ୍ପ ବନ୍ଦ ରହିଥିବା ଜଣାପଡ଼ିଛି। ବଡ଼ବେରଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ପ୍ରସନ୍ନ ମହାପାତ୍ର କୁହନ୍ତି, ଦେଢ଼ବର୍ଷ ହେବ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହିଛି। ଏନେଇ ବସୁଧା ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଫଳରେ ୧୧୫୦ରୁ ଊର୍ଦ୍ଧ୍ୱ ପରିବାର ପାଣି ପାଇଁ ହଇରାଣ ହେଉଛନ୍ତି। ସେହିପରି ବେଗୁନିଆ ସହରରେ ଥିବା ପମ୍ପ ହାଉସ (ନଂ.୧) ଜାନୁୟାରୀରୁ ଅଚଳ ହୋଇ ପଡ଼ିରହିଛି। ଫଳରେ ଓଡ଼ଗାଁ ଏବଂ ବଳଭଦ୍ରପୁର ଗ୍ରାମର ପ୍ରାୟ ୩୦୦ ପରିବାର ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏନେଇ ଗ୍ରାମର କ୍ଷୀରୋଦ ସାହୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ବୋଡଳମା ପଞ୍ଚାୟତ ଆଖୁପଦରରେ ଥିବା ପ୍ରକଳ୍ପକୁ ବନ୍ଦ କରିଦିଆଯାଇଛି। ଫଳରେ ୪ଗ୍ରାମର ୩୦୦ ପରିବାର ଜଳସେବାରୁ ବଞ୍ଚିତ ହୋଇଛନ୍ତି। ଗଡ଼ମାଣିତ୍ରୀ ପଞ୍ଚାୟତ ଛିଆମ ଗ୍ରାମରେ ୪ ନଳକୂପ ଅଚଳ ଯୋଗୁ ସ୍ଥାନୀୟ ଲୋକେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। କରଡ଼ଗାଡ଼ିଆ ଗ୍ରାମରେ ପ୍ରକଳ୍ପ ପାଇପ ଫାଟି ଯାଇଥିବାରୁ ଦୁଇଟି ସାହିର ୯୦ ପରିବାର ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ବ୍ଲକ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସେନାପତି କହିଛନ୍ତି, ଚଳିତ ଗ୍ରୀଷ୍ମ ପ୍ରଭାବ ମୁକାବିଲା ପାଇଁ ବିଭାଗ ପକ୍ଷରୁ କଡ଼ାକଡ଼ି ପ୍ରସ୍ତୁତି ହୋଇଛି। କୌଣସି ଗ୍ରାମରେ ନଳକୂପ ଅଚଳ ରହିଛି, ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କଲେ ତୁରନ୍ତ ମରାମତି କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ସରପଞ୍ଚଙ୍କ ନିକଟରେ ଅଭିଯୋଗ କଲେ ଯନ୍ତ୍ରାଂଶ ଅଭାବ ବୋଲି କହି ଦିନ ଗଡ଼ାଇଚାଲିଛନ୍ତି ବୋଲି କେତେଜଣ ଅଭିଯୋଗକାରୀ କହିଛନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ପାଣି ପାଇଁ ମହିଳାମାନେ ଅପେକ୍ଷା କରିଛନ୍ତି।


ଛିଆମ ଗ୍ରାମରେ ଅଚଳ ହୋଇପଡିଥିବା ନଳକୂପ।